بسم الله الرحمن الرحيم

ଖୁତବା ଜୁମା ୯ ନଭେମ୍ବର ୨୦୧୮ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

**ଜମାଅତକୁ ଶହେ ତରଶି ବର୍ଷ ପୂରଯିବା ପରେ ମଧ୍ଯ ଅଲ୍ଲାଃତାଲା ଜମାଅତେ ଅହମଦୟାକୁ ଏଭଳ ଉତ୍ସର୍ଗକାରୀ ଏବଂ ନଷ୍ଠାପର ବ୍ୟକ୍ତି ପ୍ରଦାନ କରଛନ୍ତ ଯେଉଁମାନେକ ଧର୍ମ ପାଇଁ ନଜର ସମସ୍ତ ସାମର୍ଥ୍ୟ ତଥା ଶକ୍ତିଠୁ ବଳ ତ୍ୟାଗ ଓ ଉତ୍ସର୍ଗ କରୁଛନ୍ତ ଏବଂ ସେହ ମାନଦଣ୍ଡକୁ ମଧ୍ଯ ପୂରଣ କରଛନ୍ତ ତଥା ସେହ ପ୍ରତଶୃତରୁ ମଧ୍ଯ ଅଂଶଗ୍ରହଣ କରଛନ୍ତ ଯେଉଁ ପ୍ରତଶୃତଗୁଡ଼ିକୁ କ ଅଲ୍ଲାଃତାଲା କୁରନେ କରମରେ ଉଲ୍ଲେଖ କରଛନ୍ତ ।**

ତଶହୁଦ୍ ଏବଂ ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ ନିମ୍ନଲିଖିତ ଆୟତର ଆବୃତ୍ତି କଲେ : **ମସଲୁଲ୍ ଲଜ଼ିନା ୟୁନଫିକୁନା ଅମୱାଲହୁମ୍ ଫି ସବିଲଲ୍ଲାଃହ କମସଲଲ୍ ହବବତନ୍ ଅନବତତ୍ ସବଅ ସନାବିଲ ଫି କୁଲ୍ଲ ସୁନବୁଲତନ୍ ମିଅତା ହବବତନ୍ ୱଲ୍ଲାଃହୁ ୟୁଜ଼ାଇଫୁ ଲମଇଁ ୟଶାଉ ୱଲ୍ଲାଃହୁ ୱାସିଉନ୍ ଅଲମ୍ ।ଅଲ୍ଲଜ଼ିନା ୟୁନଫିକୁନା ଅମୱାଲହୁମ୍ ଫି ସବିଲଲ୍ଲାଃହ ସୁମ୍ମା ଲା ୟୁତବଉନା ମା ଅନଫକ଼ୁତୁମ୍ ମନ୍ନଙ ୱଲା ଅଜ଼ନ୍ ଲହୁମ୍ ଅଜରହୁମ୍ ଇନଦା ରବବିହମ୍ ୱଲା ଖୌଫୁନ୍ ଅଲୈହିମ୍ ୱଲା ହୁମ୍ ୟହଜ଼ନୁନ୍ ।** (ସୁରତୁଲ୍ ବକ଼ରହ୍ : ୨୬୨–୬୩) **ୱ ମସଲୁଲ୍ ଲଜ଼ିନା ୟୁନଫିକୁନା ଅମୱାଲହୁମୁବ୍ତଗାଆ ମରଜ଼ାତଲ୍ଲାଃହ ୱ ତସବିତନ୍ ମିନ୍ ଅନଫୁସିହମ୍ କମସଲ ଜନ୍ନତନ୍ ବିରବୱତନ୍ ଅସାବହା ୱାବିଲୁନ୍ ଫଆତତ୍ ଉକୁଲୁହା ଜ଼ିଫୈନ ଫଇନ୍ ଲମ୍ ୟୁସିବହା ୱାବିଲୁନ୍ ଫ ତଲ୍ଲୁନ୍ ୱଲ୍ଲାଃହୁ ବିମା ୱସିଉନ୍ ଅଲମ୍** (ସୁରତୁଲ୍ ବକ଼ରହ୍ : ୨୬୬) **ଅଶଶୈତାନୁ ୟଇଦୁକୁମଲ୍ ଫକର ୱ ୟା ମୁରୁକୁମ୍ ବିଲ୍ ଫହ୍ ଶାଇ ୱଲ୍ଲାଃହୁ ୟଇଦୁକୁମ୍ ମଗଫିରତମ୍ ମିନହୁ ୱ ଫଜ଼ଲଉଁ ୱଲ୍ଲାଃହୁ ୱାସିଉନ୍ ଅଲମ୍ (ସୁରତୁଲ୍ ବକ଼ରହ୍ : ୨୬୯) ଲୈସା ଅଲୈକା ହୁଦାହୁମ୍ ୱଲାକନ୍ନଲ୍ ଲାହୁ ୟହଦ ମଇଁ ୟଶାଉ ୱମା ତୁନଫିକୁ ମିନ୍ ଖୈରନ୍ ଫଲି ଅନଫୁସିକୁମ୍ ୱମା ତୁନଫିକୁନା ଇଲ୍ଲବ୍ ତଗାଆ ୱଜହଲ୍ଲାଃହ ୱମା ତୁନଫିକୁ ମିନ୍ ଖୈରନ୍ ୟୁୱଫ୍ଫ ଇଲୈକୁମ୍ ୱ ୱଅନତୁମ୍ ଲା ତୁଜ଼ଲମୁନ୍ (ସୁରତୁଲ୍ ବକ଼ରହ୍ : ୨୭୩) ଅଲ୍ଲଜ଼ିନା ୟୁନଫିକୁନା ଅମୱାଲହୁମ୍ ବିଲ୍ଲୈଲି ୱନନାହାରି ସିରରଙ୍ ୱ ଅଲାନିୟତନ୍ ଫଲହୁମ୍ ଅଜରହୁମ୍ ଇନଦା ରବବିହମ୍ ୱଲା ଖୌଫୁନ୍ ଅଲୈହିମ୍ ୱଲା ହୁମ୍ ୟହଜ଼ନୁନ୍**(ସୁରତୁଲ୍ ବକ଼ରହ୍ : ୨୭୫)

ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଏହି ଆୟତ ଯାହାର ମୁଁ ଆବୃତ୍ତି କରିଛି ଯାହାକି ସୁରା ଫାତିହାର ଆୟତ ଅଟେ । ତହିଁରେ ଧନ ବ୍ୟୟର ଚର୍ଚ୍ଚା ରହିଛି ଏବଂ ଏବଂ ଅଲ୍ଲାଃତାଲଙ୍କ ଉଦ୍ଦେଶ୍ୟରେ ଧନ ବ୍ୟୟ କରିବା ପାଇଁ ଅନୁ୍ୟନ ପର୍ଯ୍ୟାୟକ୍ରମରେ ହିଁ ଉପରୋକ୍ତରେ ବର୍ଣ୍ଣିତ ଆୟତ ଗୁଡ଼ିକୁ ଅଲ୍ଲାଃତାଲା କୁରାନରେ ବର୍ଣ୍ଣନା କରଛନ୍ତି । ଯାହାର ଅନୁବାଦ ଯଥାକ୍ରମେ- **ଯେଉଁମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ଧନ ବ୍ୟୟ କରନ୍ତି ସେମାନଙ୍କ (ଏହି କାର୍ଯ୍ୟରୁ) ଉପମା ସେହି ଶସ୍ୟର ଏକ ବୀଜ ସହିତ ତୁଳନୀୟ ଯାଉଁଥିରୁ ସାତଗୋଟି ଶସ୍ୟଗୁଚ୍ଛ ଉତ୍ପନ୍ନ ହୁଏ ; ଏବଂ ପ୍ରତ୍ୟେକ ଗୁଚ୍ଛରେ ଏକଶତ ବୀଜ ଥାଏ ; ଏବଂ ଅଲ୍ଲାର ଯାହାଙ୍କ ଉପରେ ପ୍ରସନ୍ନ ହୁଅନ୍ତି ତାହାଙ୍କୁ ଏହାଠାରୁ ମଧ୍ଯ ଅଧିକ ପ୍ରଦାନ କରନ୍ତି ; ଏବଂ ଅଲ୍ଲାଃତାଲା ହିଁ ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ।**

ପୁନଶ୍ଚ ପରବର୍ତ୍ତୀ ଆୟତରେ ଅଲ୍ଲାଃତାଲା କହନ୍ତି ଯେ,ଏବଂ **ଯେଉଁମାନେ ଅଲ୍ଲାଃତାଲଙ୍କ ପ୍ରୀତିଭାଜନ ପାଇଁ ଓ ନିଜକୁ ସୁଦୃଢ କରିବା ପାଇଁ ନିଜ ଧନ ବ୍ୟୟ କରନ୍ତି ସେମାନଙ୍କ ବ୍ୟୟର ଉପମା ଉଚ୍ଚ ଭୂମି ଉପରେ ଥିବା ଏକ ଉଦ୍ୟାନର ଏକ ଅବସ୍ଥା ସଦୃଶ ଯେଉଁଠାରେ ବହୁଳ ବୃଷ୍ଟି ହେଲେ ତାହା ଦୁଇଗୁଣ ଫଳ ଦିଏ ; ଏବଂ ବହୁଳ ବୃଷ୍ଟି ନ ହେଲେ ଅଳ୍ପ ବୃଷ୍ଟି ହିଁ ତାହା ପାଇଁ ଯଥେଷ୍ଟ ; ଏବଂ ତୁମେମାନେ ଯାହା କରୁଛ ଅଲ୍ଲାଃତାଲା ତାହା ଦେଖୁଅଛନ୍ତି ।**

ପୁନଶ୍ଚ ପରବର୍ତ୍ତୀ ଆୟତରେ ଅଲ୍ଲାଃତାଲା କହନ୍ତି ଯେ,**ସଇତାନ ତୁମାନଙ୍କୁ ଦରିଦ୍ରତାର ଭୟ ପ୍ରଦର୍ଶନ କରାଉଛି ; ଏବଂ ତୁମମାନଙ୍କୁ ନିର୍ଲଜ୍ଜତା ବିଷୟରେ ପ୍ରେରଣା ଦେଉଅଛି ; ଏବଂ ଅଲ୍ଲାଃ ନିଜ ପକ୍ଷରୁ ତୁମମାନଙ୍କୁ ମହାନ୍ କ୍ଷମା ଓ ଅନୁଗ୍ରହର ପ୍ରତିଶୃତି ଦେଇଅଛନ୍ତି ; ଏବଂ ଅଲ୍ଲାଃତାଲା ଅତ୍ୟନ୍ତ ବଦାନ୍ୟ ଓ ସର୍ବଜ୍ଞ ।**

ପୁନଶ୍ଚ ଅଲ୍ଲାଃତାଲା କହନ୍ତି ଯେ, **ସେମାନଙ୍କୁ ସତପଥଗାମୀ କରାଇବାର ଦାୟୀତ୍ତ୍ୱ ତୁମ୍ଭ ଉପରେ ନ୍ୟସ୍ତ ହୋଇନାହିଁ ; କିନ୍ତୁ ଅଲ୍ଲାଃତାଲା ଯାହା ପ୍ରତି ପ୍ରସନ୍ନ ହୁଅନ୍ତି ତାହାକୁ ସତପଥଗାମୀ କରାନ୍ତି ; ଏବଂ ଯାହାକିଛି ବିଶୁଦ୍ଧ ଧନ ତୁମମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ବ୍ୟୟ କର ଓ ପ୍ରକୃତରେ ତୁମେମାନେ ଏପରି ବ୍ୟୟ କେବଳ ଅଲ୍ଲାଃଙ୍କ କୃପା ହାସଲ କରିବା ସକାଶେ କର । ତାହାର ଲାଭ ତୁମମାନଙ୍କୁ ହିଁ ପ୍ରାପ୍ତ ହେବ ; ଏବଂ ଯାହା କିଛି ବିଶୁଦ୍ଧ ଧନ ତୁମେମାନେ ବ୍ୟୟ କରିବ ତାହା ତୁମମାନଙ୍କୁ ସମ୍ପୂର୍ଣ୍ଣରୂପେ ଫେରସ୍ତ କରିଦିଆଯିବ ; ଓ ତୁମମାନଙ୍କ ପ୍ରତି ଅନ୍ୟାୟ, ଅବିଚାର ତଥା ଅତ୍ୟାଚାର କରଯିବ ନାହିଁ ।**

ପୁନଶ୍ଚ ଅଲ୍ଲାଃତାଲା କହନ୍ତି ଯେ,**ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ ମଧ୍ୟ ଅଲ୍ଲାଃତାଲାଙ୍କ ପଥରେ ବ୍ୟୟ କରନ୍ତି ସେମାନଙ୍କ ପାଇଁ ସେମାନଙ୍କର ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ରହିଛି ; ସେମାନେ ଭୟଭୀତ ହେବେ ନାହଇଁ କି ଦୁଃଖିତ ହେବେ ନାହିଁ ।**

ହୁଜୁରେ ଅନଓ୍ୱର୍ କହିଲେ : ହଜ଼ରତ୍ ମସିହ୍ ମଉଦ୍ ଅ.ସ ଆର୍ଥିକ ତ୍ୟାଗର ଚର୍ଚ୍ଚା କରି ଏକ ଅବସରରେ ଏହା ବର୍ଣ୍ଣନା କରିଛନ୍ତି ମୁଁ ତୁମମାନଙ୍କୁ ଏ ଯେଉଁ ବାରମ୍ବାର ତାଗିଦ୍ କରୁଛି ଏହା ପଛରେ ଏକ କାରଣ ନିହିତ ରହିଛି ଏବଂ ତାହା ହେଉଛି ଯେ,ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ଅର୍ଥ ବା ଧନକୁ ବ୍ୟୟ କର । କାରଣ ଏହା ଅଲ୍ଲାଃତାଲାଙ୍କ ଆଦେଶ ଅଟେ । ଇସଲାମ୍ ଅନ୍ୟ ଧର୍ମ ନିକଟରେ ଶିକାର ହେଉଛି । ସେହି ଶତ୍ରୁମାନେ ଇସଲାମ୍ ଧର୍ମକୁ ଯେପରି ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦାବାକୁ ବସିଛନ୍ତି । ସୁତରାଂ ଯଦି ଏଭଳି ସଂକଟାପନ୍ନ ପରିସ୍ଥିତି ସୃଷ୍ଟି ହୋଇଛି ତେବେ ଆମେମାନେ କ'ଣ ଇସଲାମ୍ ଧର୍ମର ପନରୁତ୍ଥାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବୁ ନାହିଁ ? ଅଲ୍ଲାଃତାଲା ଏହି ଅଭିପ୍ରେତ ରଖି ଏହି ସିଲସିଲାକୁ (ସଂପ୍ରଦାୟକୁ) ସଂସ୍ଥାପନ କରିଛନ୍ତି । ଅତଃଏବ ଇସଲାମର ଅଗ୍ରଗତି ତଥା ଉନ୍ନତି ନିମନ୍ତେ ଉଦ୍ୟମ କରିବା ଏହା ମଧ୍ୟ ଅଲ୍ଲାଃତାଲାଙ୍କ ଅନୁଦେଶ ଓ ଉଦ୍ଦେଶ୍ୟ ଅଟେ । ଏହି ପ୍ରତିଶୃତିଗୁଡ଼ିକ ଈଶ୍ୱରଦତ୍ତ ଅଟେ । ଅତଃ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନିଜର ଅର୍ଜିତ ଧନକୁ ବ୍ୟୟ କରିବ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ବହୁଗୁଣିତ କରି ସେହି ଅର୍ଥ ତାହାକୁ ପ୍ରଦାନ କରିବେ ଏବଂ ତତସହିତ ତାହାକୁ ଆହୁରି ଅନେକ ନେମତ ମଧ୍ୟ ପ୍ରଦାନ କରିବେ ଏବଂ ମୃତ୍ୟୁ ପରେ ପରକାଳରେ ମଧ୍ୟ ପ୍ରତ୍ୟୁପକାର ପ୍ରଦାନ କରିବେ । ଯେଉଁ ପ୍ରତ୍ୟୁପକାରକୁ ସେହି ବ୍ୟକ୍ତି ପରକାଳରେ ଅବଲୋକନ ତଥା ଅନୁଭବ କରିପାରିବ ଯେ, ଏହା କେତେ ସୁଲଭମୂଳକ ସନ୍ତୋଷ ଅଟେ ।

ହଜ଼ରତ୍ ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରନ୍ତି ଆମ ଜମାଅତର ଏକ ବୃହତ୍ ଅଂଶ ଗରିବ ଶ୍ରେଣୀୟ ଅନ୍ତର୍ଭୁକ୍ତ ଅଟନ୍ତି । କିନ୍ତୁ ଅଲ୍ଲାଃତାଲଙ୍କ କୃପାରୁ ଆମର ଏହି ଜମାଅତ୍ ଗରିବ ଦମାଅତ୍ ହେବା ସତ୍ତ୍ୱେ ବି ମୁଁ ଏହା ଅବଲୋକନ କରୁଛି ଯେ,ଏମାନଙ୍କ ମଧ୍ୟରେ ନିଷ୍ଠା ଓ ସହାନୁଭୂତି ରହିଛି । ସେମାନେ ଇସଲାମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଥି ନିମନ୍ତେ ଯଥୋଚିତ୍ ଧନ ବ୍ୟୟ କରିବାକୁ ପଶ୍ଚାତପଦ ହୁଅନ୍ତୁ ନାହିଁ ।

ହୁଜୁରେ ଅନଓ୍ୱର୍ କହିଲେ : ୧୩୦ ପୂର୍ବେ ହଜ଼ରତ୍ ମସିହ୍ ମଉଦ୍ ଅ.ସ ଯେଉଁ ଜମାଅତ୍ ସ୍ଥାପନ କରିଥିଲେ ଏବଂ ଜମାଅତକୁ ୧୩୦ ବର୍ଷ ପୂରି ଯାଇଥିବା ପରେ ବି ଅଲ୍ଲାଃତାଲା ଆଜି ମଧ୍ୟ ଜମାଅତେ ଅହମଦିୟାରେ ଏଭଳି ନିଷ୍ଠାପର ଉତ୍ସର୍ଗକାରୀ ପର୍ଦାନ କରିଛନ୍ତି ଯେଉଁମାନେ କି ଧର୍ମ ପାଇଁ ନିଜର ସାମର୍ଥ୍ୟାନୁଯାୟୀ ତଥା ବହୁଧା ବା ପ୍ରାୟତଃ ନିଜର ଶକ୍ତି ଏବଂ ସାମର୍ଥ୍ୟଠୁ ବଳି ମଧ୍ୟ ତ୍ୟାଗ କରିଥାଆନ୍ତି ଏବଂ ସେହି ମାନଦଣ୍ଡକୁ ପୂରଣ କରିବାରେ ସଫଳ ମଧ୍ୟ ହୋଇଥାଆନ୍ତି ତଥା ସେହି ପ୍ରତିଶୃତ୍ତି ମଧ୍ୟ ଭାଗ ନେଇଥାଆନ୍ତି ଯେଉଁ ପ୍ରତିଶୃତି ସମ୍ବନ୍ଧରେ ଅଲ୍ଲାଃତାଲା କୁରାନେ କରିମରେ ଉଲ୍ଲେଖ କରଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଏହି ମାନଦଣ୍ଡକୁ କେବଳ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ପ୍ରତିଷ୍ଠିତ ଜମାଅତ ହିଁ ପୂରଣ କରିଆସୁଛି । ହୁଜୁରେ ଅନଓ୍ୱର୍ କହିଲେ ଏହି ଉତ୍ସର୍ଗ ବା ବଳିଦାନର କେତେକ ଉଦାହରଣ ଏଠାରେ ମୁଁ ଉପସ୍ଥାପିତ କରିବି । ଏହି ଘଟଣାବଳୀଗୁଡ଼ିକ ବିଶ୍ୱର ବିଭିନ୍ନ ଦେଶମାନଙ୍କରେ ବସବାସ କରୁଥିବା ଲୋକମାନଙ୍କର ଅଟେ । ଯେଉଁମାନେ କି ଏହି ଶପଥକୁ ନିର୍ବାହ କରୁଛନ୍ତି ଯେ,ଆମେମାନେ ଧର୍ମକୁ ସାଂସାରିକତା ଉପରେ ଗୁରୁତ୍ତ୍ୱ ଦେଇ ନିଜର ଧନକୁ ସର୍ବଦା ଈଶ୍ୱରଙ୍କ ଆଗରେ ଅଜାଡ଼ି (ତ୍ୟାଗ) ଦେବୁ ।

ଭାରତରୁ ଜଣେ ତେହରିକେ ଜଦିଦର ଜଣେ ଇନସ୍ପେକ୍ଟର ଶାହାବ୍ ସାହେବ୍ ଉଲ୍ଲେଖ କରନ୍ତି ଯେ,ଜମାଅତେ ଅହମଦିୟା ଚିନ୍ତାକୁଣ୍ଠାର ସୁଫିୟା ନାମକ ଜଣେ ଝିଅ ନିଜ ଭାଇଙ୍କ ନିକଟକୁ ଏକ ବାର୍ତ୍ତା ପ୍ରେରଣ କଲେ ଯେ,ଯେତେବେଳେ ମୁଁ ଛୋଟ ଥିଲି ତେବେ ମୁଁ ମୋ ମାଆଙ୍କ ସହିତ ବିଭିନ୍ନ ଜଲସାରେ ଯୋଗ ଦେଉଥିଲି ଏବଂ ବିଦ୍ୱାନମାନଙ୍କର ବକ୍ତୃତା ବା ଭାଷଣ ଶୁଣୁଥିଲି ଯେ,ଯେତେବେଳେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ତେହରିକେ ଜଦିଦର ମୂଳଦୁଆ ପକାଇଥିଲେ । ଏଥି ନିମନ୍ତେ ସେ ଅର୍ଥ ତ୍ୟାଗ ପାଇଁ ଲୋକମାନଙ୍କୁ ଉତ୍ସାହିତ କରିଥିଲେ । ସେତେବେଳେ ଅନେକ ମହିଳାମାନେ ନିଜର ଆଭୂଷଣ, ଅଳଙ୍କାର ଆଦି ହୁଜୁରଙ୍କ ନିକଟରେ ପ୍ରସ୍ତୁତ କରିଦେଇଥିଲେ । ତେଣୁ ମୁଁ ଯେତେବେଳେ ବି ଏହି ଘଟଣା ସଂପର୍କରେ ଶୁଣୁଥିଲି ସେତେବେଳେ ମୋ ହୃଦୟରେ ମଧ୍ୟ ଏହିଭଳି ତ୍ୟାଗର ଅଭିଳାଷା ଉତ୍ପନ୍ନ ହେଉଥିଲା ଯେ, ମୋ ପାଖରେ ବି ଏମିତି ଅଳଙ୍କାର ହୁଅନ୍ତା କି ! ମୁଁ ବି ସେହି ଅଳଙ୍କାରକୁ ତେହରିକେ ଜଦିଦର ଚାନ୍ଦାରେ ଦେଇ ଦେଇ ଥାଆନ୍ତି । କିନ୍ତୁ ନିର୍ଦ୍ଧନତା ଓ ଦାରିଦ୍ର୍ୟତା କରାଣରୁ ମୋ ପାଇଁ ଏହା ସମ୍ଭବ ନୁଥିଲା । ଅର୍ଥାତ୍ ସାତ ସପନ ଥିଲା। କିନ୍ତୁ ବର୍ତ୍ତମାନ ମୋ ମାଆଙ୍କ ବିୟୋଗ ପରେ ପୈତୃକ ସମ୍ପତ୍ତିରୂପେ ମୋତେ ଦୁଇ ଭରି ସୁନା ଅର୍ଥାତ୍ ୨୦ ଗ୍ରାମ ସୁନା ମିଳିଅଛି । ତାହାକୁ ମୁଁ ଏହି ଚାନ୍ଦାରେ ପ୍ରସ୍ତୁତ କରୁଅଛି । ହୁଜୁରେ ଅନଓ୍ୱର୍ କହିଲେ ଯେ,ମୁଁ ଗତ ଖୁତବାରେ ଆମେରିକା ଠାରେ ମଧ୍ୟ କହିଥିଲି ଏବଂ ବହୁଧା ମଧ୍ୟ କହିଥାଏ ଯେ,ଏହି ଗରିବ ଶ୍ରେଣୀୟ ଲୋକମାନେ ତ ତ୍ୟାଗ କରୁଛନ୍ତି । କିନ୍ତୁ ଯେଉଁମାନେ ଆର୍ଥିକରୂପେ ସୁଦୃଢ ଅଟନ୍ତି ସେହି ଧନୀକ ଶ୍ରେଣୀୟ ଲୋକମାନଙ୍କୁ ନିଜର ପରିସ୍ଥିତି

ସମ୍ପର୍କରେ ଅନୁଧ୍ୟାନ କରିବା ନିତାନ୍ତ ଆବଶ୍ୟକ ଅଟେ । କ'ଣ ସେମାନନଙ୍କ ତ୍ୟାଗର ଏପରି ସ୍ତର ରହିଛି କି ? ଯାହାକି ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ ହୋଇପାରିବ ଏବଂ ତ୍ୟାଗର ଯେଉଁ ସ୍ତର ରହିବା ଦରକାର ଅଲ୍ଲାଃତାଲା ସେହପରି ତ୍ୟାଗକୁ ଗ୍ରହଣ କରିଥାଆନ୍ତି ।

ଭରତର କର୍ଣ୍ଣାଟକ ରାଜ୍ୟରୁ ହିଁ ତେହରିକେ ଜଦିଦର ଜଣେ ଇନସ୍ପେକ୍ଟର (ନୀରିକ୍ଷକ) ଉଲ୍ଲେଖ କରନ୍ତି ଯେ, ଜଣେ ସାଙ୍ଗର ତେହରିକେ ଜଦିଦର ୨୫୦୦ ଟଙ୍କା ଦେୟଯୁକ୍ତ ଥିଲା । ଯେତେବେଳେ ତାଙ୍କୁ ଏହାର ପୈଠ ସଂପର୍କରେ ଅନୁରୋଧ କରାଗଲା ଯେ, ତେହରିକେ ଜଦିଦର ବର୍ଷ ଶେଷ ହେବାକୁ ମାତ୍ର କିଛି ଦିନ ରହିଯାଇଛି । ପ୍ରତ୍ୟୁତ୍ତରରେ ସେ କହିଲେ ଯେ,ଏଥର ବର୍ଷା ଯୋଗୁଁ ଗତ ତିନି ମାସ ହେଲା କାମ ପୂରାପୂରି ବନ୍ଦ ରହିଛି । ଆୟର କୌଣସି ଆଶା ମଧ୍ୟ ଦେଖାଯାଉ ନାହିଁ । ପ୍ରତ୍ୟୁତ୍ତରରେ ନୀରିକ୍ଷକ ସାହେବ କହିଲେ ଯେ,ଆପଣ ପୈଠରେ ସଂକଳ୍ପ କରିନିଅନ୍ତୁ ଏବଂ ତା ସହିତ ଅଲ୍ଲାଃତାଲାଙ୍କ ଠାରୁ ପ୍ରାର୍ଥନା ଭିକ୍ଷା କରନ୍ତୁ । ଇନସ୍ପେକ୍ଟର୍ ସେହାବେ କହୁଛନ୍ତି ଯେ,ମୁଁ ଏହା କହି ଆନ୍ୟ ସ୍ଥାନକୁ ଚାଲିଗଲି । ସନ୍ଧ୍ୟା ସମୟରେ ଯେତେବେଳେ ମୁଁ ଅନ୍ୟ ସ୍ଥାନରୁ ଚାନ୍ଦା ଆଦାୟ କରି ଫେରିଲି ସେତେବେଳେ ମହୋଦୟ ସ୍ୱୟଂ ମିଶନ ହାଉସ୍ (ମସଜିଦ୍) କୁ ଆସିଲେ ଏବଂ ନିଜର ସମ୍ପୂର୍ଣ୍ଣ ଚାନ୍ଦା ପୈଠ କରି ଦେଲେ । ସୁତରାଂ ମୁଁ ତାଙ୍କୁ ପ୍ରଶ୍ନକଲି ଯେ, ଏହା କିପରି ସମ୍ଭବ ହେଲା ଯେ,ଆପଣ ଏତେ ଶିଘ୍ର ନିଜର ଚାନ୍ଦା ପୈଠ କରିଦେଲେ । ସେ କହିବାକୁ ଲାଗିଲେ ଯେ,ଏହା କେବଳେ ସେହି ପ୍ରଣୋଦିତ ଉଦ୍ଦେଶ୍ୟ ଓ ସଂକଳ୍ପର ବରକତ୍ ଏବଂ ଚାନ୍ଦା ଦେବାର ବରକତ୍ ଯୋଗୁଁ ସମ୍ଭବପର ହୋଇପାରିଛି । କାରଣ ଜଣେ ଲୋକ ଦୀର୍ଘ ଦିନ ଧରି ମୋ ଠାରୁ କିଛି ଟଙ୍କା ନେଇଥିଲା ଏବଂ ସେହି ଟଙ୍କାକୁ ସେ ମୋତେ ଦେବାର ଥିଲା ଏବଂ ମୁଁ ଦୀର୍ଘମାସ ଧରି ତା ପାଖକୁ ଏହି ଟଙ୍କା ପାଇଁ ମାଗିବାକୁ ଯାଉଥିଲି । କିନ୍ତୁ ସେ ଦେଉ ନଥିଲା । କିନ୍ତୁ ଆଜି ସେ ସ୍ୱୟଂ ନିଜେ ମୋ ଘରକୁ ଆସି ମୋର ଟଙ୍କା ମୋତେ ଫେରସ୍ତ କରିଦେଲା ।

ବୁରକିନା ଫାସୁରୁ ମୁବାରକ ମୁନିର୍ ସାହେବ୍ ମୁବଲ୍ଲିଗେ ସିଲସିଲା ଉଲ୍ଲେଖ କରନ୍ତି ଯେ,ପେକୁ ଜମାଅତର ଜଣେ ନିଷ୍ଠାବାନ୍ ଅହମଦି ଅଲହାଜ୍ ଇବ୍ରାହିମଙ୍କର ଦୁଇ ସନ୍ତାନ କିଛି ମସୟ ଧରି ରୋଗରେ ଆକ୍ରାନ୍ତ ଥିଲେ । ଅନେକ ଚିକିତ୍ସା ସତ୍ତ୍ୱେ ତାହା ଠିକ୍ ହେଲା ନାହିଁ । ଦିନେ ଆମର ମୁଅଲ୍ଲିମ୍ ସାହେବ୍ ତାଙ୍କୁ ଧନ ତ୍ୟାଗ କରିବା ପାଇଁ ପ୍ରବର୍ତ୍ତାଇଲେ । ତେବେ ସେ ନିଜର ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ଦେଲେ ଏବଂ ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ! ମୋର ତ୍ୟାଗକୁ ସ୍ୱୀକାର କର ଏବଂ ମୋର ସନ୍ତାନମାନଙ୍କ ଯଥାଶିଘ୍ର ଆରୋଗ୍ୟ ପ୍ରଦାନ କର । ସେ ବର୍ଣ୍ଣନା କରନ୍ତି ଯେ,କିଛିଦିନ ଗଲାପରେ ହିଁ ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କର ସନ୍ତାନମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଲା । ବିଶେଷକରି ଦ୍ୱିତୀୟ ସନ୍ତାନର ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ତେଣୁ ମହୋଦୟଙ୍କର ଅଲ୍ଲାଃତାଲାଙ୍କ ଉପରେ ଏହି ଭରସା ରହିଛି ଯେ,ଅଲ୍ଲାଃତାଲା ତାଙ୍କର ଏହି ତ୍ୟାଗକୁ ସ୍ୱୀକାର କରିଥିବା ହେତୁ ତାଙ୍କୁ ଏହି ବରକତ୍ ପ୍ରଦାନ କରିଛନ୍ତି ।

ଜର୍ମାନୀର ଜଣେ ତେହରିକେ ଜଦିଦର ସେକ୍ରେଟାରୀ ଉଲ୍ଲେଖ କରନ୍ତି ଯେ,ବୁକିନ୍ ଜମାଅତର ଜଣେ ଭାଇ ତେହରିକେ ଜଦିଦର ଚାନ୍ଦାରେ ୯୦୦ ୟୁରୋର ବୃଦ୍ଧି କରିଛନ୍ତି । ଏହି ମହୋଦୟ ବର୍ଣ୍ଣନା କରନ୍ତି ଯେ,ଯେଉଁଦିନ ମୁଁ ମୋର ୱାଦା ଲେଖାଇଲି ତାହାର ପରବର୍ତ୍ତୀ ଦିନ ଯେତେବେଳେ ମୁଁ ଫୋରମ୍ ଗଲି ସେତେବେଳେ ମାଲିକ କହିଲେ ଯେ,ମୁଁ ତୁମର ଦରମାରେ ୧୦୦ ୟୁରୋର ବୃଦ୍ଧି କରି ଦେଇଛି ଏବଂ ଫେବୃୟାରାରୁ ଅକ୍ଟୋବର ପର୍ଯ୍ୟନ୍ତ ହିସାବ କଲି ତ ତୁମର ସମୁଦାୟ ୯୦୦ ୟୁରୋ ହେଉଛି । ଏହି ମହୋଦୟ କହନ୍ତି ଯେ,ମୋତେ ତ ଏହା ବିଶ୍ୱାସ ଥିଲା ଯେ, ଅଲ୍ଲାଃତାଲା ଏହାର ଆୟୋଜନ କରିଦେବେ (ଅର୍ଥାତ୍ ଚାନ୍ଦାର ୱାଦା) କିନ୍ତୁ ୨୪ ଘଣ୍ଟା ନପୂରୁଣୁ ଅଲ୍ଲାଃତାଲା ଏତେ ଶିଘ୍ର ଏହି ଚାନ୍ଦାର ବ୍ୟବସ୍ଥା କରିଦେଲେ ।

ଆଇଭାରି କୋଷ୍ଟରୁ ଜଣେ ମୁବଲ୍ଲିଗେ ସିଲସିଲା ଉଲ୍ଲେଖ କରନ୍ତି ଯେ,ସେ ଚାନ୍ଦା ଆଦୟ ପ୍ରସଙ୍ଗରେ ସେ ଏକ ନବାଗତ ଜମାଅତ ନିକଟକୁ ଯାଇଥିଲେ ଏବଂ ସେଠାରେ ତେହରିକେ ଜଦିଦର ମହତ୍ତ୍ୱ ସଂପର୍କରେ ଭାଷଣ ଦେଇ କହିଲେ ଯେ,ଖଲିଫତୁଲ୍ ମସିହ୍ ହିଲ୍ ଖାମିସ୍ କହିଛନ୍ତି ଯେ,ଜମାଅତର ସମସ୍ତ ଲୋକମାନେ ଏହି ବରକତରୁ ଭାଗ ନିଅନ୍ତୁ । ପରବର୍ତ୍ତୀ ଦିନ ନମାଜ୍ରେ ଫଜର ପରେ ଜମାଅତର ଲୋକମାନେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ଚାନ୍ଦା ଦେବାକୁ ଆରମ୍ଭ କରିଦେଲେ ଏବଂ ମସଜିଦ୍ର ଇମାମ୍ ମଧ୍ୟ ଏହି ମଙ୍ଗଳମୟୀ କାର୍ଯ୍ୟରେ ଭାଗ ନେଲେ ଏବଂ ନିଜର ପିରିବାର ବର୍ଗ ତରଫରୁ ତେହରିକେ ଜଦିଦର ଚାନ୍ଦା ପୈଠ କଲେ । ଏହାପରେ ତାଙ୍କର ୬ ବର୍ଷ ବୟସର ପୁତ୍ର ନିଜ ପିତାଙ୍କ ଠାରୁ ୧୦୦ ଫ୍ରାଙ୍କ୍ ସିଫା ନେଇ ଆସିଲେ ଏବଂ କହିବାକୁ ଲାଗିଲା ଯେ, ଏ ନିଅ ମୋର ଚାନ୍ଦା । ମୁବଲ୍ଲିଗେ ସିଲସିଲା କହନ୍ତି ଯେ,ମୋତେ ସେହ ଛୋଟପିଲାର ଏଭଳି ଆଚରଣ ଦେଖି ତା ପ୍ରତି ମମତା (ମମତ୍ତ୍ୱ ଭାବ) ଆସିଲା ଯେ,ଏତେ ସ୍ୱଳ୍ପ ବୟସରେ ସେହି ପିଲାର ଆର୍ଥିକ ତ୍ୟାଗ ପ୍ରତି କେତେ ଅଭିରୁଚି ରହିଛି । ଅଲ୍ଲାଃତାଲା ସେହି ନୌ ମୁବାଇନଙ୍କର (ନବାଗତ ଅହମଦି) ତ୍ୟାଗକୁ ଗ୍ରହଣ କରନି ସେମାନଙ୍କୁ ଧାର୍ମିକ ତଥା ସାଂସାରକିତାର ପୁଣ୍ୟରୁ ଭୂଷିତ କରନ୍ତୁ । ଆମିନ୍

ଇଣ୍ଡୋନେଶିଆରୁ ୱାରଦି ସାହେବା ନାମକ ଜଣେ ମହିଳା ମହୋଦୟା ଉଲ୍ଲେଖ କରନ୍ତି ଯେ,ଗତ ରମଜ଼ାନରେ ଆମ ପରିବାର ଏକ କଠିନ୍ନ ପରିସ୍ଥିତିରେ ପ୍ରପିଡ଼ୀତ ହୋଇଯାଇଥିଲା । କାରଣ ମୋର ସସୁର ମହୋଦୟ ରୋଗାଗ୍ରସ୍ତ ହୋଇପଡ଼ିଥିଲେ । ଯଦ୍ଵାରାକି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥିଲା । ସେ ଡାକ୍ତରଖାନାରେ ଦୀର୍ଘ ଏକମାସ ପର୍ଯ୍ୟନ୍ତ ଚିକିତ୍ସାଧୀନ ଥିଲେ । ସେହି ମୂହୁର୍ତ୍ତରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଏତେ ଗରୁତ୍ତର ହୋଯାଇଥିଲା ଯେ,ତାଙ୍କୁ I.C.U ଭର୍ତ୍ତି କରିବାକୁ ପଡ଼ିଥିଲା । ସେସମୟରେ ତାଙ୍କର ଜୀବିତ ରହିବାର କୌଣସି ଆଶା ନଥିଲା । ଠିକ୍ ସେତିକିବେଳେ ସେହି ମହିଳାଙ୍କୁ ମୋ (ଅର୍ଥାତ୍ ହଜ଼ରତ୍ ଖଲିଫତୁଲ୍ ମସିହ୍ ହିଲ୍ ଖାମିସଙ୍କର) ଖୁତବାର ମନପଡ଼ିଲା ଯାହାକି ତେହରିକେ ଜଦିଦର ବରକାତ୍ ସଂପର୍କିତ ଖୁତବା ଥିଲା ସୁତରାଂ ପରିବାରର ସମସ୍ତ ସଦସ୍ୟମାନେ ଏକତ୍ରିତ ହୋଇ ଏହି ନିଷ୍ପତ୍ତି ନେଲୁ ଯେ,ଆମେମାନେ ଏହି ପବିତ୍ର ରମଜ଼ାନ୍ ମାସରେ ତେହରିକେ ଜଦିଦର ଶତପ୍ରତିଶତ ଚାନ୍ଦା ପୈଠ କରିବୁ ଏବଂ କଲୁ ବି । ତେଣୁ ସେହି ମହିଳା ୱାରଦି ସାହେବା ମୋତ (ଅର୍ଥାତ୍ ହଜ୍ଜୁରେ ଅନୱରଙ୍କୁ) ଦୁଆ ପାଇଁ ପତ୍ର ମଧ୍ୟ ଲେଖିଥିଲେ । ସେହି ମହୋଦୟା ଉଲ୍ଲେଖ କରନ୍ତି ଯେ,ଅଲ୍ଲାଃତାଲଙ୍କ କୃପାରୁ ଏବଂ ହୁଜୁରେ ଅନୱରଙ୍କ ପ୍ରାର୍ଥନା ବଳରୁ ଏବଂ ତ୍ୟାଗ ଫଳରେ ମୋର ସସୁରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଲା । କିଛିଦିନ ଗଲାପରେ ଡାକ୍ତରମାନେ ତାଙ୍କର ସସୁରଙ୍କୁ ଘରକୁ ଯିବାକୁ ଅନୁମତି ପ୍ରଦାନ କଲେ । ତେଣୁ ଯେତେବେଳେ ସେମାନେ ଘରେ ପହଞ୍ଚିଲେ ସେତେବେଳେ ତାଙ୍କର ପଡ଼ୋଶୀମନାଙ୍କୁ ଏହି ଖର ମିଳିଲା ଯେ,ମହୋଦୟାଙ୍କର ସସୁର ସଂପୂର୍ଣ୍ଣରୁପେ ସୁସ୍ଥ ହୋଯାଇଛନ୍ତି ।ଏହା ଜାଣି ସେହି ପଡ଼ୋଶୀମାନେ ବହୁତ ଆଶ୍ଚର୍ଯିତ ହେଲେ ଏବଂ କହିଲେ ଯେ,ଏହା କିପରି ସମ୍ଭବ ହେଲା ଯେ,ଏତେ ଗରୁତ୍ତର ଓ ସଂକଟାପନ୍ନ ତଥା ଭୟ ଶଙ୍କୁଳ ରୋଗରେ ପ୍ରପୀଡ଼ିତ ହୋଇଥିବା ଏବଂ ମୃତ୍ୟୁ ଦ୍ୱାରରେ ପହଞ୍ଚିଯାଇଥିବା ବ୍ୟକ୍ତି କିପିର ଭାବେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା ।

କଙ୍ଗୋ ବ୍ରାଜ଼ୱେଲର ଜଣେ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ,ଜଣେ ମହୋଦୟ ଯାହାଙ୍କ ନାମ ମୁଆୱେଲି ଥିଲା । ତାଙ୍କର ସନ୍ତାନ ଅନେକ ଦିନ ଧରି ରୋଗରେ ପ୍ରପୀଡ଼ିତ ଥିଲା । ଯେତେବେଳେ ମୁଅଲ୍ଲିମ୍ ସାହେବ୍ ତାଙ୍କ ନିକଟକୁ ତେହରିକେ ଜଦିଦର ଚାନ୍ଦା ଆଦାୟ କରିବା ପାଇଁ ଗଲେ ସେତେବେଳେ ସେହି ବ୍ୟକ୍ତି ଜଣକ ନିଜର ଚାନ୍ଦା ପୈଠ କରିଦେଲେ । ଏଥିସହ ସେ ଏହି ପ୍ରାର୍ଥନା କଲେ ଯେ,ହେ ଈଶ୍ୱର ! ଏହି ଚାନ୍ଦାର ବରକତରୁ ମୋ ପୁତ୍ରକୁ ଭଲ କରିଦିଅ । ସେହି ବ୍ୟକ୍ତି ଜଣକ ବର୍ଣ୍ଣନା କରନ୍ତି ଯେ,କିଛିଦିନ ଗଲାପରେ ହିଁ ମୋ ପୁତ୍ର ରୋଗମୁକ୍ତ ହୋଇଗଲା । ତେଣୁ ମୁଁ ସ୍ୱୟଂ ଆଶ୍ଚର୍ଯିତ ଥିଲି ଯେ,ଆମର ଭଗବାନ୍ କିପରି ଭାବେ ଆମର ପ୍ରାର୍ଥନାକୁ ସ୍ୱୀକାର କରୁଛନ୍ତି ଏବଂ ଆମମାନଙ୍କର ଏହି ତୁଚ୍ଛ ତଥା କ୍ଷୁଦ୍ର ତ୍ୟାଗଗୁଡ଼ିକୁ ମଧ୍ୟ ଗ୍ରହଣ କରିନେଇ ଥାଆନ୍ତି ।

କାନାଡ଼ାରୁ ଲଜନାର ଜଣେ ତେହରିକେ ଜଦିଦ୍ ସେକ୍ରେଟାରୀ ଉଲ୍ଲିଖିତ କରନ୍ତି ଯେ,ଜଣେ ଭଉଣୀ କହିଲେ ଯେ,ତାଙ୍କର ସ୍ୱାମୀ ତେହରିକେ ଜଦିଦରେ ୧୦୦୦ ଡ଼ଲାରର (ୱାଦା) ପ୍ରତିଶୃତି ଲେଖାଇଥିଲେ । କିନ୍ତୁ ଦୀର୍ଘଦିନ ଧରି ବେକାର ଥିଲେ । ଏହି କାରଣରୁ ସେ ନିଜର ଚାନ୍ଦା ଦେଇପାରୁ ନଥିଲେ । ବର୍ଷ ଶେଷ ହେବାକୁ ପ୍ରାୟ ଗୋଟିଏ ସପ୍ତାହ ବାକି ରହିଯାଇଥିଲା । ତେବେ ସେକ୍ରେଟାରୀ ମାଲ୍ ସାହେବ୍ ତାଙ୍କ ଘରକୁ ଚାନ୍ଦା ଆଦାୟ କରିବା ପାଇଁ ଆସିଲେ । ତାଙ୍କର ସ୍ୱାମୀ ଘର ଭିତରକୁ ପ୍ରବେଶ କଲେ ଏବଂ ନିଜର ସ୍ତ୍ରୀଙ୍କୁ କହିଲେ ମୋ ନିକଟରେ ଦବା ପାଇଁ କିଛି ତ ନାହିଁ । ବର୍ତ୍ତମାନ କ'ଣ କରିବି ? ପ୍ରତ୍ୟୁତ୍ତରରେ ତାଙ୍କର ସ୍ତ୍ରୀ କହିଲେ ଆମେ ତାଙ୍କୁ ଖାଲି ହାତରେ ତ ଯିବାକୁ ଦେଇପାରିବୁ ନାହିଁ । ତେଣୁ ସେହି ସ୍ୱାମୀଙ୍କ ସ୍ତ୍ରୀଙ୍କ ନିକଟରେ ପ୍ରାୟ ୧୦୦୦ ପର୍ଯ୍ୟନ୍ତ କିଛି ସଞ୍ଚିତ ଧନ ଥିଲା । ସେହି ଡ଼ଲାରରୁ ହିଁ ସେ ନିଜର ଚାନ୍ଦା ପୈଠ କଲେ । ସୁତରାଂ ସେହି ମହିଳା ଜଣକ ବର୍ଣ୍ଣନା କରନ୍ତି ଯେ,ଏହି ଚାନ୍ଦାର ବରକତରୁ ସେହି ସପ୍ତାହ ମଧ୍ୟରେ ହିଁ ତାଙ୍କ ସ୍ୱାମୀଙ୍କୁ ମାସିକ ୭୦୦୦ ବେତନ ବିଶିଷ୍ଟ ଏକ ଚାକିରୀ ମିଳିଗଲା ।

ହୁଜୁରେ ଅନୱର୍ କହିଲେ : ଅଲ୍ଲାଃତାଲଙ୍କର ଏହି କୃପା ବିଷୟମୂଳକ ଘଟଣାବଳୀ ସଂପର୍କରେ ବର୍ଣ୍ଣନା କରିସାରିବା ପରେ ବର୍ତ୍ତମାନ ମୁଁ ତେହରିକେ ଜଦିଦର ନୂତନ ବର୍ଷର ଘୋଷଣା କରି ଗତ ବର୍ଷର କେତେକ ବିବରଣୀ ବା ସମାଚାର ଆପଣମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଦେଉଛି । ଚଳିତ ବର୍ଷ ୮୫ ତମ ବର୍ଷର ପ୍ରାରମ୍ଭ ହୋଇଯାଇଛି । ଗତ ବର୍ଷର ପ୍ରାପ୍ତ ହୋଇଥିବା ରିପୋର୍ଟ ଅନୁଯାୟୀ ୧୨.୭୯ ମଲିୟନରୁ ଉର୍ଦ୍ଧ୍ୱ ପାଉଣ୍ଡ ଅଲ୍ଲାଃତାଲଙ୍କ କୃପାରୁ ନିଷ୍ଠାବାନ ବ୍ୟକ୍ତିମାନଙ୍କୁ ଅଲ୍ଲାଃତାଲଙ୍କ ଉଦ୍ଦେଶ୍ୟରେ ବ୍ୟୟ କରିବ ପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଅର୍ଥାତ୍ ଏକ କୋଟି ୨୭ ଲକ୍ଷ ୯୩୦୦୦ ପାଉଣ୍ଡ । ତାହା ଗତ ବର୍ଷ ତୁଳନାରେ ଅଲ୍ଲାଃତାଲଙ୍କ କୃପାରୁ ୨ ଲକ୍ଷ ୧୨୦୦୦ ପାଉଣ୍ଡ ଅଧିକ ଅଟେ । ବିଶ୍ୱର ଅସମାର୍ଥ୍ୟ ତଥା ଅସହାୟ ପରିସ୍ଥିତି ଏବଂ ଅନେକ ଦେଶର ଚଳନ୍ତି ମୁଦ୍ରାର ବିମୂଲ୍ୟାୟନ ହେବା ସତ୍ତ୍ୱେ ଅଲ୍ଲାଃତାଲା ତଥାପି ଆମମାନଙ୍କୁ ଏହା ଟାର୍ଗେଟ୍ ପୂରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ।

ହୁଜୁରେ ଅନୱର୍ କହିଲେ : ସାମୂହିକ ଆଦାୟ ଅନୁଯାୟୀ ପାକିସ୍ତାନ ତ ପୂର୍ବପରି ପ୍ରଥମ ନମ୍ବରରେ ଆସିଥାଏ ଏହାପରେ ଜର୍ମାନୀ ଏକ ନମ୍ବରରେ ରହିଛି, ବ୍ରିଟେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି, ଆମେରିକା ତୃତୀୟ ସ୍ଥାନ ଅଧିକାର କରିଛି.କାନାଡ଼ା ଚତୁର୍ଥ ସ୍ଥାନ ଅଧିକାର କରିଛି,ପଞ୍ଚମ ସ୍ଥାନ ଭାରତ ଅଧିକାର କରିଛି, ଅଷ୍ଟ୍ରେଲିୟା ଷଷ୍ଠ ସ୍ଥାନ ଅଧିକାର କରିଛି, ମିଡିଲ୍ ଇଷ୍ଟ୍ ସପ୍ତମ ସ୍ଥାନ ଅଧିକାର କରିଛି,

ଇଣ୍ଡୋନେଶିୟା ଅଷ୍ଟମ ସ୍ଥାନ ଅଧିକାର କରିଛି ସପ୍ତମ, ଘାନା ନବମ ସ୍ଥାନ ଅଧିକାର କରିଛି ସେହିପିର ମିଡ଼ିଲ୍ ଇଷ୍ଟର ହିଁ ଜଣେ ଦେଶ ଦଶମ ସ୍ଥାନ ଅଧିକାର କରିଛି ।

ଅଲ୍ଲାଃତାଲାଙ୍କ କୃପାରୁ ଦପ୍ତର ଅୱୱଲର ସମସ୍ତ ଖାତାଗୁଡ଼ିକ ପୂର୍ବପରି ଚାଲି ରହିଛି ଯାହାକି ୫୯୨୭ ସଂଖ୍ୟକ ବିଶିଷ୍ଟ ଅଟେ ।

ତ୍ୟାଗ ଅନୁଯାୟୀ ଭାରତର ପ୍ରଥମ ଦଶଟି ଜମାଅତ ହେଲେ- କାଦିୟାନ୍, ପଞ୍ଜାବ୍, ହାଇଦରାବାଦ୍, ତେଲେଙ୍ଗାନା, କେରଳ, ଚେନ୍ନାଇ, ତାମିଲନାଡୁ, କାଲିକଟ୍ କେରଳ, ବେଙ୍ଗାଲୁରୁ ଏବଂ କର୍ଣ୍ଣାଟକ, ବଙ୍ଗ କଲିକତା, ପେଙ୍ଗାଡ଼ୀ କେରଳ, କନ୍ନୁର୍ ଟାଉନ୍ କେରଳ, ୟାଦଗିର୍ କର୍ଣ୍ଣାଟକ । ପ୍ରଦେଶମାନଙ୍କର ତ୍ୟାଗ ଅନୁଯାୟୀ ଭାରତରେ କେରଳ ପ୍ରଥମ ସ୍ଥାନ ଅଧିକାର କରିଛି, ପୁନଶ୍ଚ କର୍ଣ୍ଣାଟକ, ପୁନଶ୍ଚ ତାମିଲନାଡୁ ଏବଂ ତଲେଙ୍ଗାନା, ଜାମ୍ମୁ କାଶ୍ମୀର, ପୁନଶ୍ଚ ଓଡ଼ିଶା, ପୁନଶ୍ଚ ପଞ୍ଜାବ, ପୁନଶ୍ଚ ଦିଲ୍ଲୀ ଏବଂ ମହାରାଷ୍ଟ୍ର ଅଟେ ।

ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ତ୍ୟାଗକାରୀଙ୍କ ଧନ ଜୀବନରେ ଅସାଧାରଣ ବରକତ୍ ପ୍ରଦାନ କରନ୍ତୁ । ଆମିନ୍

……………………………….

**KHULASA KHUTBA JUMA HUZOOR ANWAR a.b.a**

**9th NOV 2018**

………………